
# କସ୍ତୁରୀ

ଆମ ଅସ୍ମିତା


KASTURI

Family Magazine









ଶ୍ରୀ ରମେଶ୍ଚନ୍ଦ୍ର ପାତ୍ର



ଶ୍ରୀ ଗଦାଧର ଦାଶ



# ଏ ସଂଖ୍ୟାର ପୃଷ୍ଠାରେ ପୃଷ୍ଠାରେ...


॥ ଗଳ୍ପ ସଂଭାର ॥

- ସୁଖର ଦେଶ — ଡ଼କ୍ଟର ପ୍ରତିଭା ରାୟ — ୧୧
- ମଝିଖଣ୍ଡ — ଡ଼କ୍ଟର ଆରତୀ କର — ୧୬
- ଅଲିଖିତ ସମ୍ବିଧାନ — ଅମିତା ମିଶ୍ର — ୧୯
- ସେଇ ଜହ୍ନରାତିର ସନ୍ଧାନେ — ମନୋରମା ମିଶ୍ର — ୨୧
- ଅଞ୍ଜୁଳି ଚାଉଳ — ଭାବାନନ୍ଦ ପଟ୍ଟନାୟକ — ୨୩
- ଜ୍ୟୋତ୍ସ୍ନାଲୋକରେ ପରୀର... — ହୃଷିକେଶ ପଟ୍ଟନାୟକ — ୨୬
- ନିଷିଦ୍ଧାଞ୍ଚଳ — ଊର୍ମିଳା ପ୍ରଧାନ — ୨୭

॥ ପ୍ରବନ୍ଧ ପୁଷ୍ପ ॥

- ଭକ୍ତିର ସ୍ୱରୂପ — ଦେବୀ ପ୍ରସାଦ ସାହୁ — ୨୯
- ନାରୀ ସୁରକ୍ଷା ଆଇନ — ସୁଧାଂଶୁ ଶେଖର ପଣ୍ଡା — ୩୦
- ମହାଶିବରାତ୍ରୀ — ରାମାରାଓ ମାଝି — ୩୧
- ଅଟଳ ବିଶ୍ୱାସ — କୃଷ୍ଣପ୍ରିୟା ପଟ୍ଟନାୟକ — ୩୩

॥ କବିତା କଲ୍ଲୋଳ ॥

- ବର୍ଷା ଆସେ — ସ୍ୱର୍ଗତା ବାସନ୍ତି ମିଶ୍ର — ୩୪
- ସେଇ ପୁରୁଣାରୁ... — ବିପିନ ବିହାରୀ ମହାନ୍ତି — ୩୪
- ଅନ୍ଧାର ଆଲୋକ — କୈଳାସ ଷଡ଼ଙ୍ଗୀ — ୩୪
- ଲୁପ୍ତ ଐତିହ୍ୟର ସ୍ୱର୍ଣ୍ଣାତୀତ ପ୍ରିୟ — ଡାକ୍ତର ରାଜାରାମ ଷଡ଼ଙ୍ଗୀ — ୩୫
- ଜୀର୍ଣ୍ଣ ବସ୍ତ୍ର — ଡାକ୍ତର ଅନୀତା ପଣ୍ଡା — ୩୬
- ମଲ୍ଲୀ — ଡ଼. ପୁଷ୍ପାଞ୍ଜଳି ପଢ଼ାଳ — ୩୬
- କବିତାର କଥା — କସ୍ତୁରୀ ଚରଣ ଦାସ — ୩୬
- ସ୍ମୃତି ଏକ ଘର'ର — ସବିତା ଶତପଥୀ — ୩୭
- ଶ୍ରମିକ ସେମାନେ — ହରିପ୍ରିୟା ରାଉତରାୟ — ୩୭
- ଜୀବନ ଓ ଯନ୍ତ୍ରଣା — ସ୍ମୃତି ପଟ୍ଟନାୟକ — ୩୭
- ଯଜ୍ଞ – ଯାଜ୍ଞସେନୀର — ବିଦ୍ୟୁତ୍ ପ୍ରଭା ଶତପଥୀ — ୩୮
- ଝିଅଟିଏ — ଶାଶ୍ୱତୀ ତ୍ରିପାଠୀ — ୩୮
- କେଜାଣି କାହିଁକି... — କେ. ଚନ୍ଦ୍ରାବତୀ ପାତ୍ର — ୩୯
- ସୁନା ନାକୀ — ବୃନ୍ଦାବନ ବାଡ଼ତ୍ୟା — ୩୯
- ଅଦୃଷ୍ଟ ଇଙ୍ଗିତ — ସର୍ବାଣୀ ଦାସ — ୩୯
- ନିଃସହାୟ ସୈନିକ — ଜୟଚନ୍ଦ୍ର ପ୍ରଧାନ — ୪୦
- ମମତାର ମୂଲ — ସବିତା ଶତପଥି — ୪୦
- ଜୀବନ ତରୀ — ସ୍ନେହଲତା ମହାପାତ୍ର — ୪୧
- ଦରଦୀ ମନର କବି — କ୍ଷଣପ୍ରଭା ଶତପଥି — ୪୧
- ଜୀବନର ଅନୁଭୂତି — ଉମାରାଣୀ ପଣ୍ଡା — ୪୧
- ଜହ୍ନ ବଗିଚା — ଅୟସକାନ୍ତ — ୪୨
- ବଣ ଫୁଲର କବିତା — ଅୟସକାନ୍ତ — ୪୨
- ଦେଖା ହେବ... — ସନ୍ୟାସୀ ନାୟକ — ୪୨
- ଶବ୍ଦ — ମିନତୀ ମିଶ୍ର — ୪୩
- ଅନନ୍ୟ ମାତୃତ୍ୱ — ସଂଘମିତ୍ରା ଦଳେଇ — ୪୩
- ଏଇ ତ ଜୀବନ — ଭୁବନେଶ୍ୱର ସାହୁ — ୪୪
- ଶେଫାଳିର ଦୁଃଖ — ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ — ୪୪
- ଭଗ୍ନ କିମ୍ବଦନ୍ତୀ — ଭାରତୀ ପାତ୍ର — ୪୪
- ଏଇଠି ଏମିତି — ଡାକ୍ତର ସଂକର୍ଷଣ ପାତ୍ର — ୪୫
- କେମିତିକା ଜୀବନ ଇଏ — ଡ଼. କାହ୍ନୁ ଚରଣ ଶତପଥୀ — ୪୫
- ହେ ବିଜୟୀ କିଏ ତୁମେ — କୁନ୍ତଳା କୁମାରୀ ଦାସ — ୪୫
- ଅନ୍ୟତ୍ର ଅନ୍ୟ ଦିନ — ଡ଼କ୍ଟର ବ୍ରଜମଣି ଓଝା — ୪୬
- ମାଆଲୋ... — କଳ୍ପନା ରଥ — ୪୬

॥ ଗୀତି କବିତା କଲ୍ଲୋଳ ॥

- ଜହ୍ନ ପାଇଁ — ଇଂ. ପ୍ରଦୀପ କୁମାର ଷଡ଼ଙ୍ଗୀ — ୪୭
- ଶିଳାପଦ୍ମ — ହରପ୍ରିୟା ମହାନ୍ତି — ୪୭
- ଆଖି କହେ କଥା — ଶକୁନ୍ତଳା ରଥ — ୪୮
- ଆହ୍ୱାନ — ଏନ୍. ଲେନାଚାନ୍ — ୪୮
- ଦୁଖିନୀ ମାଆର କରୁଣ କାହାଣୀ — ଦେବୀପ୍ରଭା ରଥ — ୪୮
- ରଜ ମଉଜ — ହରିହର ବେହେରା — ୪୯
- ଆଖିଲୁହ ହେଲା ଯମୁନା ନଈ — ଶାନ୍ତନୁ କୁମାର ଷଡ଼ଙ୍ଗୀ — ୪୯
- ଖୋଜ ନିଜ ହୃଦୟରେ — ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ — ୪୯
- ସୀମାହୀନ ମୋର ପରିଚୟ — ପ୍ରମିଳା ପାଣି — ୪୯
- ସିନ୍ଦୂର — ସନ୍ଧ୍ୟାରାଣୀ ପାଢ଼ୀ — ୫୦
- ଚନ୍ଦ୍ରମା ତୁମେ — ଅମିତା କୁମାରୀ ପାଠୀ — ୫୦
- ତୁମେ ଗଲାପରେ — ଉପେନ୍ଦ୍ର କୁମାର ବେହେରା — ୫୦
- ଶାମୁକା — ଲୋପା ସାମଲ — ୫୧
- ବିଦାୟ ଗୀତ — ଶିକ୍ଷକ ବୃନ୍ଦ — ୫୧
- ହୁଅ ନାହିଁ ନିରିଦୟ — କୃଷ୍ଣା ପଟ୍ଟନାୟକ — ୫୧
- କହିଲେ କହିବ କହିଲି ବୋଲି — (ମଳକଣ୍ଟକ) — ୫୨
- ଆମ ତୁଟି, ଧାମ ରୋଷେଇ — ବିଳାସିନୀ ମହାନ୍ତି — ୫୩
- **ସୌନ୍ଦର୍ଯ୍ୟ ଶ୍ରୀ**
  ବର୍ଷା ଦିନେ ସୁସ୍ଥ ଓ ସୁନ୍ଦର ରହିବେ କିପରି — ସସ୍ମିତା ହୋତା — ୫୪
- **ଗୃହିଣୀମାନଙ୍କ ଜାଣିବାକଥା**
  ଡ଼ାଇଟିଙ୍ଗ୍ — ସସ୍ମିତା ହୋତା — ୫୪

॥ ଶିଶୁ / କିଶୋର ବିଭାଗ ॥

- ଭୂତ ରାଜା ଭୂତ ରାଣୀ — ମହେଶ୍ୱର ମହାନ୍ତି — ୫୫
- ବାଡ଼ି ଓ ଖଡ଼ି — ଡ଼. ଲାବଣ୍ୟ ଚନ୍ଦ୍ର ସାହୁ — ୫୬
- ସକାଳ ଖିଆ ଦେହକୁ ହିତ — ତ୍ରିଲୋଚନ ମଥାନ — ୫୬
- ହସୁଛି ଆମ ଜନମ ମାଟି — ଲକ୍ଷ୍ମୀ ପଣ୍ଡା — ୫୭
- ଗଛର ଉପକାରିତା — କବିଚନ୍ଦନ ନିରଞ୍ଜନ ରଥ — ୫୮
- ମୋ ଗାଁ ମାଟି — ନମିତା ନାୟକ — ୫୮
- ମୋ ଗାଁ — ପ୍ରହଲ୍ଲାଦ ପଣ୍ଡା — ୫୮
- ଜ୍ଞାନ ଚାଲାଣ — ମାଧୁରୀ ଅଧିକାରୀ — ୫୯
- ତା ଗଣ ବା କିଏ ପାରିଛି ଶୁଝି — ଶରତ ଚନ୍ଦ୍ର ଦାସ — ୫୯
- ଅଜାଙ୍କ ହଟହଟା — ସୁଦର୍ଶନ ବିଷୋୟୀ — ୬୦
- ସାଗର ସ୍ମୃତି — ବିଦ୍ୟାଧର ନାୟକ — ୬୦

॥ ପ୍ରଚ୍ଛଦ ପୃଷ୍ଠାର ପ୍ରତିଭା ॥

- ସଞ୍ଜୟ ଶ୍ରୀ ଦଣ୍ଡପାଣି ମିଶ୍ର — ଉପସ୍ଥାପନା : ସଂପାଦିକା 'କସ୍ତୁରୀ' — ୬୧
- ଓଡ଼ିଆ ସାହିତ୍ୟରେ ଶ୍ରୀଚନ୍ଦନ — " — ୬୫
- ଶ୍ରୀ ଭଗବାନ ଗନ୍ତାୟତ — " — ୬୮
- ଶ୍ରୀ ରମେଶ ଚନ୍ଦ୍ର ପାତ୍ର — " — ୭୧
- ପଣ୍ଡିତ ଗଦାଧର ଦାଶ — " — ୭୫

॥ ସ୍ମୃତିରେ... ସ୍ମୃତିରେ... ॥

- ସଙ୍ଗୀତ ସମ୍ରାଟ ମହମ୍ମଦ ରଫି — ମହମ୍ମଦ ଆସଲାମ୍ — ୭୮


Scanned with OKEN Scanner

প্রবন্ধ পুষ্প

# ମହାଶିବରାତ୍ରୀ

❀ ରାମାରାଓ ମାଝୀ

ଶିବରାତ୍ରି ବ୍ରତଂ ହ୍ୟେତ
କରିଷ୍ୟେହଂ ମହାଫଳଂ ।।
ନିର୍ବିଘ୍ନ ମସ୍ତୁମେ ତତ୍ର
ତ୍ୱ ପ୍ରସାଦା ଜଗତ୍ପତେ ।।
ଚତୁର୍ଦ୍ଦଶ୍ୟା ନିରାହାରୋ
ଭୂତ୍ୱାଶଂଭୋ ପରେହନି ।।
ଭୋକ୍ଷେହଂ ଭୁକତ୍ରିମୁକ୍ତ୍ୟର୍ଥଂ
ଶରଣଂମେ ଭବେଶ୍ୱର ।।

ସର୍ବଜଗତର ମୂଳାଧାର ଅନେକ ଲକ୍ଷଜନ୍ମର ସ୍ୱୀକୃତ ଫଳସ୍ୱରୂପ ମାନବଜନ୍ମ ଶୃଙ୍ଖଳିତ ରୂପେ ପରିଚାଳିତ ହେବାକୁ ହେଲେ କିଛି ସମୟ ଆଧ୍ୟାତ୍ମିକ ଚିନ୍ତନ, ଭକ୍ତିଭାବନା, ପୂଜାର୍ଚ୍ଚନା, ତପ, ସାଧନା, ଜାଗରଣ ନିତାନ୍ତ ଆବଶ୍ୟକ । ଶିବପୂଜାର ପରମ୍ପରା ଆମ ହିନ୍ଦୁ ସଭ୍ୟତା ଓ ସଂସ୍କୃତିର ଏକ ଅଂଶବିଶେଷ । ଭାରତର ବିଭିନ୍ନ ସ୍ଥାନରେ ମହାଦେବଙ୍କୁ ଆବାହନ ଓ ଶାସ୍ତ୍ରୀୟ ପଦ୍ଧତିରେ ପୂଜାବିଧିର ପ୍ରଚଳନ କେଉଁ ଅନନ୍ତକାଳରୁ ସ୍ୱୀକୃତ ଓ ସମାଦୃତ । ଜାତୀୟ ଜୀବନରେ ଶିବପୂଜା ପାଳନର ଏକ ତାତ୍ପର୍ଯ୍ୟ ରହିଛି । ସାଗର ମନ୍ଥନ ସମୟରେ ସମଗ୍ର ପୃଥିବୀ ଆସୁରିକ ଶକ୍ତିର ଉପଦ୍ରବରେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହାର ପ୍ରତିକାର ନିମିତ୍ତ ସମଗ୍ର ବିଶ୍ୱମାନବକୁ ଉଦ୍ଧାର କରିବା ପାଇଁ ସମସ୍ତ ଦେବଦେବୀ ଅସମର୍ଥ ହୋଇଥିଲେ । ସେତିକିବେଳେ ଦେବଦେବ ମହାଦେବ ଶିବ ବିଷପାନ କରି ଗରଳକୁ ନିଜକଣ୍ଠରେ ଧାରଣା କରିଥିଲେ ଓ ଜାତୀୟ ଜୀବନରେ ଶିବପୂଜାର ଆବଶ୍ୟକତାକୁ ଜନମାନସରେ ଉପସ୍ଥାପନ କରିଥିଲେ ।

ଭକ୍ତି ଉପାସନା ଧାରାରେ ପୁଣ୍ୟଭୂମି ଭାରତବର୍ଷ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଅଛି । ଭାରତରେ ପ୍ରଚଳିତ ବିଭିନ୍ନ ପର୍ବଗୁଡ଼ିକ ନିମିତ୍ତ କୌଣସି ଏକ ପୁରାଣ ପ୍ରସଙ୍ଗ ରହିଥାଏ । ଠିକ୍ ସେହିପରି ହରହର ମହାଦେବଙ୍କ ମହାଶିବରାତ୍ରି ଉପଲକ୍ଷେ ଏକ ପୁରାଣ ପ୍ରସଙ୍ଗ ରହିଛି । ଏକଦା ଅନନ୍ତ ବିଶ୍ୱର ସୃଷ୍ଟିକର୍ତ୍ତା ବ୍ରହ୍ମା ଏବଂ ପାଳନକର୍ତ୍ତା ବିଷ୍ଣୁଙ୍କ ମଧ୍ୟରେ ବିଶ୍ୱର ସର୍ବଶ୍ରେଷ୍ଠ କିଏ ଜାଣିବା ପାଇଁ ଯେଉଁ ପ୍ରୟାସ ଚାଲିଥିଲା ତାହା କ୍ରମଶଃ ସ୍ୱାର୍ଥପର ଉଦ୍ରେକ ହୋଇ ଭୟଙ୍କର ରୂପ ଧାରଣ କରିଥିଲା । ବିଶ୍ୱବ୍ରହ୍ମାଣ୍ଡ ମହାପ୍ରଳୟ ସଙ୍କଟ ସ୍ଥିତିର ଆସନ୍ନ ବେଳେ ସ୍ୱୟଂ ମହାଦେବ ଏହାର ସମାଧାନ ନିମନ୍ତେ ନିଷ୍ପତ୍ତି ନେଇଥିଲେ । ତତ୍କ୍ଷଣେ ସର୍ବବୃହତ୍ ଦିବ୍ୟ ଜ୍ୟୋତିର୍ଲିଙ୍ଗ ରୂପେ ରଣରଙ୍ଗ ମଧ୍ୟରେ ପ୍ରତ୍ୟକ୍ଷ ହେଲେ ।

ଦିବ୍ୟ ଜ୍ୟୋତିର୍ଲିଙ୍ଗ ଦର୍ଶନ ପୂର୍ବକ ବ୍ରହ୍ମା ଓ ବିଷ୍ଣୁ ଜ୍ୟୋତିର୍ଲିଙ୍ଗର ଆଦ୍ୟନ୍ତ ଜାଣିବା ପାଇଁ ଉଦ୍ୟମ କରିଥିଲେ । ସଙ୍ଗେସଙ୍ଗେ ବ୍ରହ୍ମା ହଂସରୂପ ଧାରଣ କରି ମହାଲିଙ୍ଗର ଅଗ୍ରଭାଗ ଦର୍ଶନ ନିମନ୍ତେ ଆକାଶରେ ରହିଥିଲେ ମଧ୍ୟ ମହାଲିଙ୍ଗ ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହୋଇନଥିଲା । କାରଣ ଯେତେ ଆକାଶକୁ ଉଡୁଥିଲେ ମଧ୍ୟ ମହାଲିଙ୍ଗ ସେହି ପରିମାଣରେ ବୃଦ୍ଧି ଘଟୁଥିଲା । ଅନ୍ୟପକ୍ଷରେ ବିଷ୍ଣୁ ବରାହ ରୂପ ଧାରଣ କରି ଲିଙ୍ଗର ଆଦିକାରଣ (ଉତ୍ପତ୍ତି ସ୍ଥାନ) ଜାଣିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । କାରଣ ଯେତେ ଗଭୀରକୁ ଗଲେ ମଧ୍ୟ ଜ୍ୟୋତିର୍ଲିଙ୍ଗ ସେତେ ଗଭୀରକୁ ପୋତି ହୋଇଯାଉଥିଲା । ଏତିକିବେଳେ ଶିବଙ୍କ ମଥାରୁ କେତକି ଫୁଲଟିଏ ଖସି ତଳେ ପଡ଼ିଯାଉଥିବା ଲକ୍ଷ୍ୟ କରି ବ୍ରହ୍ମା ଯଥାବିଧି ଉଦ୍ଧାର କରିବା ସହ କେତକି ଫୁଲକୁ ବ୍ରହ୍ମା ଓ ବିଷ୍ଣୁ ମଧ୍ୟରେ ପ୍ରତିଦ୍ୱନ୍ଦିତାକୁ ପ୍ରବର୍ତ୍ତାଇ ସାହାଯ୍ୟ ମାଗିଥିଲେ । ସ୍ୱୟଂ ବିଷ୍ଣୁ ମହାଲିଙ୍ଗର ଉତ୍ପତ୍ତି ସ୍ଥାନଟି ଦର୍ଶନ କରିପାରିନଥିବା ସ୍ୱୀକାର କରିଥିବାବେଳେ; ବ୍ରହ୍ମା ଗର୍ବର ସହ ମହାଲିଙ୍ଗର ଅଗ୍ରଭାଗ ଦର୍ଶନ କରିଥିଲି; ଏଥିପାଇଁ କେତକୀ ଫୁଲ ହିଁ ପ୍ରତ୍ୟକ୍ଷଦର୍ଶୀ ବୋଲି କହିଥିଲେ । ବ୍ରହ୍ମାଙ୍କ ଅନୁରୋଧକ୍ରମେ କେତକୀଫୁଲ ମହାଲିଙ୍ଗର ଅଗ୍ରଭାଗ ବ୍ରହ୍ମା ଦର୍ଶନ କରଥିଲେ ବୋଲି ବିଷ୍ଣୁଙ୍କ ସମ୍ମୁଖରେ ଅସତ୍ୟ ପ୍ରକାଶ କରିଥିଲା । ବ୍ରହ୍ମା ଓ କେତକୀ ଫୁଲର କ୍ରୁରତା (ନିଷ୍ଠୁରତା) ସହ୍ୟ କରିନପାରି ମହାଦେବ ମହାଲିଙ୍ଗରୁ ଉଗ୍ରରୂପ ଧାରଣ କରି ବ୍ରହ୍ମା ଭୁଲ କରିଛନ୍ତି ଏବଂ ତାଙ୍କୁ ସାହାଯ୍ୟ କରି କେତକୀ ଫୁଲ ମଧ୍ୟ ଭୁଲ କରିଛି । ତେଣୁ ଆଜିଠାରୁ କେତକୀ ଫୁଲ ମୋ ନିକଟରେ ରହିବା ଯୋଗ୍ୟତା ହରାଇଛି ବୋଲି କହିବା ସହ କେତକୀ ଫୁଲ ସାହାଯ୍ୟରେ ନିଜକୁ ପୂଜାର୍ଚ୍ଚନା ନ କରିବା ପାଇଁ ଭକ୍ତମାନଙ୍କୁ ଆଜ୍ଞା ପ୍ରଦାନ କରିଥିଲେ । ମହାଦେବଙ୍କ ଅଭିଶାପ ଫଳରେ ଭୂ-ପୃଷ୍ଠରେ ବ୍ରହ୍ମାଙ୍କ ସ୍ଥାନ ବିରଳ ହୋଇ ପଡ଼ିଥିଲା । କେବଳ ସେତିକି ନୁହେଁ ପରମେଶ୍ୱରଙ୍କ ଆଦେଶାନୁକ୍ରମେ କାଳଭୈରବ ଅସତ୍ୟ ପ୍ରକାଶ କରିଥିବା ବ୍ରହ୍ମାଙ୍କ ପଞ୍ଚମଥା ମଧ୍ୟରୁ ଗୋଟିଏକୁ ଛେଦନ କରିଦେଇଥିଲେ । ସତ୍ୟପୁରୁଷ ରୂପେ ବିଷ୍ଣୁଙ୍କ ପ୍ରତି ପ୍ରସନ୍ନ ହୋଇ ଭୂ-ପୃଷ୍ଠରେ ସ୍ୱ-ସମେତ ସମୁଚିତ ସ୍ଥାନ ପ୍ରଦାନ କରିବା ବ୍ୟତୀତ ଅଭିନ୍ନପୂଜା ଉପଭୋଗ କରିପାରିବେ ବୋଲି ଆଶୀର୍ବାଦ ଦେଇଥିଲେ ।

ମହାଦେବଙ୍କ ମହାକ୍ରୋଧରୁ ଉଦ୍ଧାର ନିମନ୍ତେ ବ୍ରହ୍ମା ଓ ବିଷ୍ଣୁ ଅନେକ ଆରାଧନା କରି ରୌଦ୍ରେଶ୍ୱରଙ୍କୁ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଥିଲେ । ଧୂପ, ଦୀପ, ନୈବେଦ୍ୟ, ଫୁଲପାଖୁଡ଼ା, ପୁଷ୍ପହାର, ହୋମଯଜ୍ଞ, ଗନ୍ଧଚନ୍ଦନ, ମୋତି, ମାଣିକ୍ୟ, ମୁଦ୍ରିକା, ପାଟ୍ଟବସ୍ତ୍ର, ଶ୍ୱେତଛତ୍ର ଭଳି ଦିବ୍ୟବସ୍ତୁ ସାହାଯ୍ୟରେ ପରମେଶ୍ୱରଙ୍କ ପୂଜାର୍ଚ୍ଚନା କରିଥିଲେ । ପରମେଶ୍ୱର ବ୍ରହ୍ମା ଓ ବିଷ୍ଣୁଙ୍କ ଭକ୍ତିରେ କାତର ହୋଇ ଅନୁଗ୍ରହ କରିଥିଲେ । ରଣରଙ୍ଗ ମଧ୍ୟରେ ବ୍ରହ୍ମା ଓ ବିଷ୍ଣୁଙ୍କୁ ଦିବ୍ୟ ଜ୍ୟୋତିର୍ଲିଙ୍ଗ ରୂପେ ଦର୍ଶନ ଦେଇଥିବା ସମୟକୁ 'ଲିଙ୍ଗୋଦ୍ଭବ' ସମୟ ରୂପେ ଗଣନା କରିବା ପାଇଁ ଆଜ୍ଞା ପ୍ରକାଶ କରିଥିଲେ । ଭକ୍ତମାନଙ୍କ ଦର୍ଶନ ନିମନ୍ତେ ସ୍ୱୟଂ ଛୋଟ, ଛୋଟ ଲିଙ୍ଗ ରୂପେ ପରିଣତ ହୋଇ ଶିବପୂଜାର ଆବଶ୍ୟକତାକୁ ଜନମାନସରେ ପ୍ରବର୍ତ୍ତାଇଥିଲେ ବୋଲି ଆମ ପୁରାଣ ଶାସ୍ତ୍ର ଦର୍ଶାଇଥାଏ ।



Scanned with OKEN Scanner

## ଶିବରାତ୍ରି ମହାତ୍ମ୍ୟ

ପୂର୍ବେ ଅଙ୍କୁଲ ନାମଧାରୀ ନୃଶଂସ ସାକଳନଗରରେ ସପରିବାର ସମେତ ବାସ କରି ବନ୍ୟଜନ୍ତୁ ଓ ପକ୍ଷୀମାନଙ୍କୁ ଶିକାର କରି ପରିବାର ପୋଷଣ କରୁଥିବାର ସ୍କନ୍ଦ ପୁରାଣରୁ ଜଣାଯାଏ । ଏକଦା ଅରୁଣୋଦୟ ପୂର୍ବରୁ ଶିକାରକୁ ବାହାରି ସାରାଦିନ ବହୁ ପରିଶ୍ରମ କରି ଥକି ପଡ଼ିଯାଇଥିଲା । ଦୁର୍ଭାଗ୍ୟବଶତଃ ଗୋଟିଏ ବନ୍ୟଜନ୍ତୁ ମଧ ଆଖିଦୃଶିଆ ହୋଇନଥିଲା କିନ୍ତୁ ସେ ନିରାସ ନ ହୋଇ ପ୍ରୟାସ କରୁଥିଲା । ସଞ୍ଜ ନଇଁବା କିଛି ସମୟ ପୂର୍ବରୁ ଠେକୁଆଟିକୁ ଦେଖି ଭୋକରେ ଅଧୀର ହୋଇପଡ଼ିଥିବା ଅଙ୍କୁଲ ଶିକାର ନିମନ୍ତେ ଅଗ୍ରସର ହେଲା; କିନ୍ତୁ ଠେକୁଆଟି ଦୌଡ଼ି ଦୌଡ଼ି ବୁଦା ଭିତରେ ଲୁଚିଯାଇଥିଲା । ମିଞ୍ଜି ମିଞ୍ଜି ଅନ୍ଧାର ହୋଇଥିବା ଯୋଗୁଁ ଦେଖାଗଲା ନାହିଁ । ଶିକାରଟି ଅସହାୟ ରୂପେ ଖାଲି ହାତେ ଘରକୁ ନ ଫେରି ସେଠାରେ ରାତିଟି କଟାଇ ତା'ପରଦିନ ସକାଳେ ଶିକାର କରି ଘରକୁ ଫେରିବା ପାଇଁ ସ୍ଥିର କଲା । ନିକଟରେ ଥିବା ଗଛ ଉପରେ ବିଶ୍ରାମ ନେଲା । ଯଦି ଶୋଇପଡ଼େ ତେବେ ଗଛ ଉପରୁ ପଡ଼ିଯାଇପାରେ, ତେଣୁ ଭୟରେ ନ ଶୋଇ ସାରାରାତି ଗଛର ପତ୍ର ଛିଣ୍ଡାଇ କାଳାତିପାତ କରିବା ଆରମ୍ଭ କଲା । ତିନିଦିନ ଅନାହାର ଓ କୁହୁଡ଼ିରେ ବଶବର୍ତ୍ତୀ ଦୁର୍ବଳ ଶରୀର ଚେତାଶୂନ୍ୟ ହୋଇ ଗଛତଳେ ପଡ଼ିଯିବାରୁ ଲୋକଟିର ମୃତ୍ୟୁ ଘଟିଥିଲା ।

ଯମଦୂତମାନେ ନୃଶଂସକୁ ନେବାପାଇଁ ଭୂ-ପୃଷ୍ଠରେ ଅବତରଣ କରିଥିବାବେଳେ; ଦିବ୍ୟ ବିମାନରେ ଶିବଦୂତମାନେ ସେହି ଶବଟିକୁ ନେବାପାଇଁ ଆଗମନ କରିଥିଲେ । ଉଭୟଙ୍କ ମଧ୍ୟରେ ଦ୍ୱନ୍ଦ ପ୍ରତିଯୋଗିତା ସୃଷ୍ଟି ହେଲା । ଏହି ନୃଶଂସ ଅନେକ ଜୀବହତ୍ୟା କରି ବହୁ ପାପରେ ଜର୍ଜରିତ ହୋଇଛି ତେଣୁ ସେ ନିଶ୍ଚୟ ପାପର ପ୍ରାୟଶ୍ଚିତ ଭୋଗ କରିବାକୁ ପଡ଼ିବ ବୋଲି ଯମଦୂତମାନେ କହିବା ବେଳେ; ମହାଶିବରାତ୍ରି ପୂର୍ବଦିନଠାରୁ ଆଜକୁ ପ୍ରାୟ ତିନିଦିନ ଅନାହାର ଓ ଅନିଦ୍ରାରେ ଜାଗରଣ କରିବା ସହ ବେଲଗଛରୁ ବେଲପତ୍ର ତୋଳି ଗଛତଳେ ଥିବା ପୁରାତନ ଲିଙ୍ଗ ଉପରେ ପକାଇ ଶିବପୂଜା କରୁଥିଲା । ଜଣା କିମ୍ବା ଅଜାଣତରେ ମହାଶିବରାତ୍ରି ଦିନ କରିଥିବା ଏହି ପୂଜାରେ ଶିବ ପ୍ରସନ୍ନ ହୋଇ ତାଙ୍କର ସର୍ବପାପ ଦୂର କରି ଅନୁଗ୍ରହ କରିଛନ୍ତି । ମହାଶିବରାତ୍ରି ପର୍ବଦିନଠାରୁ ଆଜିପର୍ଯ୍ୟନ୍ତ ସେ କୌଣସି ଜୀବହତ୍ୟା କରିନାହାନ୍ତି ସର୍ବପାପମୁକ୍ତ । ତେଣୁ ସେ ଶିବ ସାନିଧ୍ୟ ପ୍ରାପ୍ତ ଯୋଗ୍ୟ ବୋଲି ଶିବଦୂତମାନେ କହିଥିଲେ । ଯମଦୂତମାନେ ନୃଶଂସର ପାପ ଅପେକ୍ଷା ପୁଣ୍ୟ ଫଳ ଗ୍ରହଣ କରି ନୃଶଂସକୁ ଶିବଦୂତମାନଙ୍କୁ ସମର୍ପଣ କରି ଯମପୁର ପ୍ରତ୍ୟାବର୍ତ୍ତନ କରିଥିଲେ । ଶିବରାତ୍ରିଦିନ ଜଣା କିମ୍ବା ଅଜାଣତରେ ଉପବାସ ଜାଗରଣ ପୂଜାବିଧି କରିବାରୁ ଲୋକଟି ବୈକୁଣ୍ଠରେ ସ୍ଥାନ ପ୍ରାପ୍ତ କରିଥିଲା ।

## ବିଭିନ୍ନ ପ୍ରକାର ଶିବରାତ୍ରି

ଶିବରାତ୍ରି କହିଲେ ସାଧାରଣତଃ ମହାଶିବରାତ୍ରିକୁ ବୁଝାଏ । କିନ୍ତୁ ଆମ ପୁରାଣ ଶାସ୍ତ୍ରରେ ଚାରିପ୍ରକାର ଶିବରାତ୍ରି ଦେଖିବାକୁ ମିଳିଥାଏ । ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଯାଇଅଛି ।

**୧. ନିତ୍ୟ ଶିବରାତ୍ରି**

ଅରୁଣୋଦୟ ପୂର୍ବର କିଛି ସମୟକୁ (ବ୍ରହ୍ମ ମୁହୂର୍ତ୍ତ) ନିତ୍ୟ ଶିବରାତ୍ରି ବୋଲି କହନ୍ତି; କାରଣ ଏହି ସମୟରେ ଶିବ 'ଲିଙ୍ଗୋଦ୍‌ଭବ' ରୂପେ ଅବତାର ଧାରଣ କରିଥିଲେ ।

**୨. ପାକ୍ଷିକ ଶିବରାତ୍ରି**

ଶୁକ୍ଳପକ୍ଷ ଅର୍ଥାତ୍ ଅମାବାସ୍ୟା ପରବର୍ତ୍ତୀ ଠାରୁ ପୂର୍ଣ୍ଣିମା ପୂର୍ବବର୍ତ୍ତୀ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୧୩ ଦିନକୁ ବୁଝାଏ । ଏହି ୧୩ ଦିନ ପରମେଶ୍ୱରଙ୍କୁ ପୂଜାର୍ଚ୍ଚନା କରିବା ଭକ୍ତମାନେ ବିଭିନ୍ନ ସମସ୍ୟାରୁ ନିବୃତ୍ତି ହୋଇ ସୁଖଶାନ୍ତି ଲାଭ କରିଥାନ୍ତି ।

**୩. ମାସିକ ଶିବରାତ୍ରି**

ପ୍ରତ୍ୟେକ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀକୁ ମାସିକ ଶିବରାତ୍ରି ବୋଲି କହନ୍ତି । ମହାଶିବରାତ୍ରି ଭଳି ଏହିଦିନ ମଧ୍ୟ ପୂଜାର୍ଚ୍ଚନା, ଅଭିଷେକ, ବ୍ରହ୍ମଚର୍ଯ୍ୟ, ଜାଗରଣ, ଦିକ୍ଷା କଲେ ସତ୍‌ଫଳ ପ୍ରାପ୍ତ ହୋଇଥାଏ ।

**୪. ମହାଶିବରାତ୍ରି**

ମାଘମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ମହାଶିବରାତ୍ରି ରୂପେ ସର୍ବତ୍ର ପ୍ରସିଦ୍ଧ । ପରମେଶ୍ୱର ଦିବ୍ୟଜ୍ୟୋତିର୍ଲିଙ୍ଗ ରୂପେ ଅବତାର ଧାରଣ କରିଥିବା ପରମ ପବିତ୍ର ଦିନ । ବିଭିନ୍ନ ପର୍ବ ଅପେକ୍ଷା ମହାଶିବରାତ୍ରି ମହାଦେବଙ୍କ ନିମିତ୍ତ ଏକ ସ୍ୱତନ୍ତ୍ର ପର୍ବ । କାରଣ ପର୍ବଗୁଡ଼ିକ ସାଧାରଣତଃ ଦିବାସମୟରେ ପାଳନ କରାଯାଉଥାଏ । କିନ୍ତୁ ମହାଦେବଙ୍କ ମହାଶିବରାତ୍ରି ବ୍ରତ ରାତ୍ରି ସମୟରେ ପାଳନ କରାଯାଏ । ଭକ୍ତମାନେ ପୂଜାର୍ଚ୍ଚନା ଉପାସନା, ଧୂପଦୀପ, ନୈବେଦ୍ୟ, ଶିବ ପଞ୍ଚାକ୍ଷରୀମନ୍ତ୍ର ସହ 'ଓଁ ନମଶିବାୟଃ' ବୋଲି ମହାନନ୍ଦରେ କାଳାତିପାତ କରିଥା'ନ୍ତି ।

## ଗୋଟିଏ ରାତି କୋଟିଏ ଦିନ

ମହାଶିବରାତ୍ରି ପର୍ବଦିନ ପୂଜା, ଉପାସନା ଓ ଶିବାଷ୍ଟୋତ୍ତର ଶତନାମାର୍ଚ୍ଚନା କରିବା ଫଳରେ ନନ୍ଦିଶ୍ୱର ମହାକାଳ ଅନୁଗ୍ରହ କରନ୍ତି । ଭକ୍ତି, ନିଷ୍ଠା, ସ୍ଥିରତ୍ୱ ସହିତ 'ଶିବାଷ୍ଟକମ୍' ପଠନ କଲେ ଶ୍ରୀମହାଲକ୍ଷ୍ମୀ ପ୍ରସନ୍ନ ହୋଇ ଅଷ୍ଟଐଶ୍ୱର୍ଯ୍ୟ ପ୍ରଦାନ କରନ୍ତି ବୋଲି ଶିବପୁରାଣ ଦର୍ଶାଇଥାଏ । ବିଶ୍ୱବ୍ରହ୍ମାଣ୍ଡ ହିତସାଧନ ନିମନ୍ତେ ଆବଶ୍ୟକ ଅମୃତଶକ୍ତି ଆଦିଭିକ୍ଷୁ ଶିବଲିଙ୍ଗରୁ ପ୍ରାପ୍ତ ହୋଇଥାଏ । ଶିବରାତ୍ରି ପର୍ବଦିନ ଅର୍ଦ୍ଧନାରୀଶ୍ୱରଙ୍କୁ ପୂଜା କଲେ ଦରିଦ୍ର ଦୂରୀକରଣ ହୋଇ ସତ୍‌କୃପା ମିଳିଥାଏ ।



Scanned with OKEN Scanner

### ଜାଗରଣ କରିବ କାହିଁକି ?

ମହାଶିବରାତ୍ରି ପର୍ବଦିନ ମହାଦେବଙ୍କ ଉପାସନା, ଜାଗରଣ ନିୟମ ପୁରାଣ ପ୍ରସିଦ୍ଧ । ପୂର୍ବେ କ୍ଷୀରସାଗର ମନ୍ଥନ ସମୟରେ ଦେବ ଓ ଦାନବମାନେ ସେଥିରୁ ଉତ୍ପନ୍ନ ଗରଳ ତ୍ରିଭୁବନକୁ ଧ୍ୱଂସ କରିଦେଉଥିବାବେଳେ ସମସ୍ତ ଦେବଦେବୀ ଚନ୍ଦ୍ରଶେଖରଙ୍କୁ ପ୍ରାର୍ଥନା କରିଥିଲେ । ତ୍ରିଲୋକାଧିପତି କରୁଣାମୟୀ କରୁଣାକର ଗରଳକୁ ନିଜ କଣ୍ଠରେ ଧାରଣକରି ସାରାରାତି ଅସ୍ତବ୍ୟସ୍ତ (ଚେତାଶୂନ୍ୟ) ହୋଇପଡ଼ିଥିଲେ । ସମସ୍ତ ଦେବଦେବୀ ଭଗବାନ ଶିବଙ୍କ ସୁସ୍ଥ ନିମନ୍ତେ ପୂଜାର୍ଚ୍ଚନା, ଜାଗରଣ, କୀର୍ତ୍ତନ ବହୁ ଆଡ଼ମ୍ବରରେ ପାଳନ କରିଥିଲେ । ତଦ୍ୱାରା ସମଗ୍ର ପୃଥିବୀ ମହାସଙ୍କଟରୁ ମୁକ୍ତି ପାଇବା ବ୍ୟତୀତ ମହାଦେବଙ୍କ ଦର୍ଶନ ପ୍ରାପ୍ତ ହୋଇଥିଲା । ତେଣୁ ସେହି ଦିନ ଠାରୁ ମାଘମାସ ଚତୁର୍ଦ୍ଦଶୀ ପର୍ବଦିନଟି ମହାଶିବରାତ୍ରି ରୂପେ ସୁବିଖ୍ୟାତ ଲାଭକରିଅଛି । ମହାଶିବରାତ୍ରି ପର୍ବଦିନ ଭଗବାନ ଶିବପାର୍ବତୀଙ୍କୁ କ୍ଷୀରାଭିଷେକ, ପୂଜାର୍ଚ୍ଚନା କଲେ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ ।

### ଶିବରାତ୍ରି ଜାଗରଣ - ବ୍ରତବିଧାନ

ଶିବରାତ୍ରି ବ୍ରତଂ ଦେବ
ପୂଜା ଜପ ପରାୟଣଃ ॥
କରୋମି ବିଧିବଦ୍ଦତ୍ତଃ
ଗୃହାଣାର୍ଘ୍ୟଂ ନମୋସ୍ତୁତେ ॥

ମାଘମାସ ତ୍ରୟୋଦଶୀ ଠାରୁ ପଞ୍ଚମୀ ପର୍ଯ୍ୟନ୍ତ ଉପବାସ, ଧ୍ୟାନ, ବ୍ୟତୀତ ଚାରିପ୍ରହରରେ ଚାରିଥର ଶିବପୂଜା କରିବାକୁ ହୁଏ । ଅରୁଣୋଦୟ ପୂର୍ବରୁ ପରିଷ୍କାର ପୋଷାକ ପରିଧାନକରି ସୂର୍ଯ୍ୟ ଭଗବାନଙ୍କୁ ଅର୍ଘ୍ୟଦେବାକୁ ପଡ଼ିଥାଏ । ଯଥାବିଧି ଦେବାର୍ଚ୍ଚନାକରି ଶିବମନ୍ଦିରକୁ କିମ୍ବା ଶିବଙ୍କ ପ୍ରତିମୂର୍ତ୍ତି ଥିବା କୌଣସି ସ୍ଥାନକୁ ଯାଇ ସେଠାରେ ଲେପନକରିବା ଅଥବା ସଫାକରି ଜ୍ୟୋତି ଦେବାକୁ ହୁଏ । ପଞ୍ଚାମୃତ, ବିଭିନ୍ନ ଫଳରସ ଜଳପୂର୍ଣ୍ଣ ସହ ଅଭିଷେକ କରିବାକୁ ପଡ଼ିଥାଏ । ତିନିପତ୍ର ବିଶିଷ୍ଟ ବେଲପତ୍ର ସାହାଯ୍ୟରେ ଧ୍ୟାନମଗ୍ନ ରୂପେ ଅନ୍ତରାତ୍ମାରେ 'ଶିବୋଽହମ୍' ମନ୍ତ୍ର କିମ୍ବା ସହସ୍ର ନାମାର୍ଚ୍ଚନା କିମ୍ବା ଶିବାଷ୍ଟୋତ୍ତର ଶତନାମାର୍ଚ୍ଚନା କରିବା ଦ୍ୱାରା ଉତ୍ତମ ଫଳ ମିଳିଥାଏ । ଶିବରାତ୍ରି ପର୍ବଦିନ ଉପବାସ, ଜାଗରଣ, ଶିବପୂଜା, ମଙ୍ଗଳସ୍ନାନ କରିବା ଫଳରେ ସର୍ବପାପରୁ ମୁକ୍ତି ହୋଇ ଶିବସ୍ୱରୂପ ହୋଇଥାଏ । ପରମେଶ୍ୱରଙ୍କୁ ପ୍ରଥମ ପ୍ରହରରେ ଗାଈକ୍ଷୀରାଭିଷେକ, ପଦ୍ମାହାର, ପୁଷ୍ପନୈବେଦ୍ୟ ସମର୍ପଣ । ଦ୍ୱିତୀୟ ପ୍ରହରରେ ଦହି ସହିତ ଅଭିଷେକ, ତୁଳସୀହାର, ଖିରି । ତୃତୀୟ ପ୍ରହରେ X X X ଘୃତପୂର୍ଣ୍ଣ ପଦାର୍ଥରେ ନୈବେଦ୍ୟ । ପରିଶେଷରେ ମଧୁ ଅଭିଷେକ, ପୁଷ୍ପ-ଅର୍ଘ୍ୟନୈବେଦ୍ୟ ସହିତ ଲିଙ୍ଗୋଦ୍ଭବ ସମୟରେ ପୂଜାର୍ଚ୍ଚନା କରି ଶିବୋଽହମ୍ ମନ୍ତ୍ର ଜପ କରିବାକୁ ପଡ଼େ ।

ଏହି ମହାପର୍ବଦିନ ପୂଜା କିମ୍ବା ପୂଜା କରାଇବେ ଦାନ ପ୍ରଦାନ କରି 'ଓଁ ନମଃଶିବାୟ' ମନ୍ତ୍ରକୁ ଉଚ୍ଚାରଣ, ନମସ୍କାର ପୂର୍ବକ ବ୍ରାହ୍ମଣଙ୍କୁ ସମର୍ପଣ କଲେ ଅଜ୍ଞାନ ଅନ୍ଧକାର ଦୂର ହୋଇଥାଏ; କିମ୍ବା ଖଡ଼ାସାଗ ବିଡ଼ାଟିଏ କିଛି ଦକ୍ଷିଣା ସହ ବ୍ରାହ୍ମଣଙ୍କୁ ଦାନ କଲେ ପୁଣ୍ୟଫଳ ବ୍ୟତୀତ ଅଷ୍ଟ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ହୋଇଥାଏ । କେବଳ ସେତିକି ନୁହେଁ ଏହି ମହାପର୍ବଦିନ ଉପବାସ, ଶିବ ଆରାଧନା ଫଳରେ ଏକବର୍ଷ ନିତ୍ୟ ଶିବର୍ଚ୍ଚନା କରିବା ଫଳପ୍ରାପ୍ତ ହୋଇଥାଏ ବୋଲି ସାକ୍ଷାତ୍ ଭୋଳାଶଙ୍କର ବ୍ରହ୍ମାଙ୍କୁ ଉପଦେଶ ଦେଇଥିବା କଥା ବ୍ରହ୍ମ ପୁରାଣରେ ବର୍ଣ୍ଣନା କରାଯାଇଛି ।

### ପରିଶେଷରେ

''ଶିବଙ୍କ ଆଜ୍ଞାବିନା ପିମ୍ପୁଡ଼ିକା ମଧ୍ୟ କାମୁଡ଼େ ନାହିଁ ଅର୍ଥାତ୍ ସ୍ଥାବରୁ ଜଙ୍ଗମ କୀଟରୁ ପତଙ୍ଗ ଠାରୁ ଆରମ୍ଭ କରି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପର୍ଯ୍ୟନ୍ତ ସଭିଏଁ ଶିବଙ୍କ ଆଜ୍ଞାଧୀନ । ସୃଷ୍ଟିର ପ୍ରତ୍ୟେକ କୋଣ ଅନୁକୋଣ ଶିବମହିମାରେ ପରିପୂର୍ଣ୍ଣ । ଶିବଙ୍କ ମହିମାବିନା କୌଣସି ବସ୍ତୁ, ପଦାର୍ଥ ବା ବ୍ୟକ୍ତିବିଶେଷ ଶବ ସହିତ ସମାନ ଅର୍ଥାତ୍ ଜୀବହୀନ ।

ରୁଦ୍ରାକ୍ଷ ଧାରଣ କରି ମଥାରେ ବିଭୂତି ଲେପନ କରିବା ମାତ୍ରେ ଶିବ ସାନିଧ ପ୍ରାପ୍ତ ହୁଏ ନାହିଁ । ଗର୍ବ, ଅହଂକାର ତ୍ୟାଗ, ପର-ଆପଣାର ତାରତମ୍ୟ ନଥାଇ ସ୍ୱାର୍ଥବିହୀନ ସାର୍ଥକ ଜୀବନରେ ଅନ୍ୟକୁ ସାହାଯ୍ୟ ସହଯୋଗ କରିବା ଫଳରେ ସେମାନଙ୍କ ଅନ୍ତରାତ୍ମାରୁ ଜାଗ୍ରତ ପ୍ରତ୍ୟେକ ବିନ୍ଦୁ ଅଶ୍ରୁରୂପେ ପ୍ରବାହିତ ହୋଇ ଅଜଣାତରେ ଆମ୍ଭମାନଙ୍କ ପ୍ରତି ସେମାନଙ୍କର କରୁଣାଭାବ ଜାଗ୍ରତ ହୁଏ । ତଦ୍ୱାରା ଆତ୍ମବିଶ୍ୱାସ ଲାଭକରି ଶିବ ସାନିଧ ପ୍ରାପ୍ତ ହୁଏ ।

ଅନେକ ଲୋକ ଦ୍ୱନ୍ଦ୍ୱ ପ୍ରତିଯୋଗିତା ସନ୍ଦେହ ପ୍ରକୃତିରେ ପ୍ରପିଡ଼ୀତ ହୋଇ ଆତ୍ମ ବିଶ୍ୱାସ ହରାଉଥା'ନ୍ତି । ଆତ୍ମ ବିଶ୍ୱାସଠାରୁ ବଳିୟାନ୍ ଏତରାଚରେ ବିଶ୍ୱରେ ଅନ୍ୟ କୌଣସି ଥାଇନପାରେ । ଶାଶ୍ୱତହୀନ ଶରୀର ଅନନ୍ତସ୍ୱରୂପ ଆତ୍ମା ଉଭୟେ ଭୋଳାଶଙ୍କରଙ୍କ ଅବଦାନ । ତେଣୁ ପ୍ରତ୍ୟେକ ବ୍ୟକ୍ତି ତା'ର ଜୀବନକାଳ ମଧ୍ୟରେ ଶିବନାମାସ୍ମରଣ ପୂର୍ବକ ପ୍ରଚାର ପ୍ରସାର କରି ଶିବସାନିଧ ଲାଭ କରନ୍ତୁ ବୋଲି ପ୍ରାର୍ଥନା କରିବା ।

### ସହାୟକ ଗ୍ରନ୍ଥସୂଚୀ


୧. ଶିବପୁରାଣ, ଧର୍ମଗ୍ରନ୍ଥ ଷ୍ଟୋର୍, ଅଲିସା ବଜାର, କଟକ-୨
୨. ବ୍ରହ୍ମବୈବର୍ତ୍ତ ପୁରାଣ, ଧର୍ମଗ୍ରନ୍ଥ ଷ୍ଟୋର୍, ଅଲିସା ବଜାର, କଟକ-୨
୩. ମହା ବିଷ୍ଣୁପୁରାଣ,-ପ୍ରକାଶକ, ଧର୍ମଗ୍ରନ୍ଥ ଷ୍ଟୋର୍, ଅଲିସା ବଜାର, କଟକ-୨
୪. ନବ୍ୟ ସାପ୍ତାହିକ, ପ୍ରକାଶକ, ଆତ୍ମଜ୍ୟୋତି, ବିଶାଖାପାଟଣା
୫. ଅଭିନବ ଭାରତ ହୋ, ପ୍ରକାଶକ, ଶ୍ରୀଲେଖା ପାଣ୍ଡାର ପ୍ରିଣ୍ଟର୍ସ, ବିଜୟବାଡ଼ା


•


ଅଧ୍ୟାପକ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର





Scanned with OKEN Scanner